## ସଂକ୍ଷେପରେ

### ମ୍ୟାଲେରିଆ, ଡେଙ୍ଗୁ ସମ୍ପର୍କିତ ସ୍ୱାସ୍ଥ୍ୟଶିକ୍ଷା ପ୍ରଦର୍ଶନୀ



**ମୁନିଗୁଡ଼ା,୨୦।୬(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ମ୍ୟାଲେରିଆ , ଡ଼େଙ୍ଗୁ, ଡ଼ାଇରିଆ ନିୟନ୍ତ୍ରଣ ସମ୍ପର୍କିତ ସ୍ୱାସ୍ଥ୍ୟଶିକ୍ଷା ପ୍ରଦର୍ଶନୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ଼ା. ସଞ୍ଜୟ କୁମାର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବ୍ଲକ ଆକାଉଣ୍ଟସ ଅଫିସର ବିଜୟ କୁମାର ବେବର୍ତ୍ତା, ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ସାହୁ, ଆୟୁଷ ଡ଼ାକ୍ତର ଶୁଚିସ୍ମିତା ସାହୁ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ମନୋରମା ମହାନ୍ତି, ସୁକାନ୍ତ ପଣ୍ଡା, ବିଷ୍ଣୁପ୍ରସାଦ ଦାଶ, ସିଆରସିସି ନାରାୟଣ ପଣ୍ଡା, ଗୌରାଙ୍ଗଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ମ୍ୟାଲେରିଆ, ଡ଼େଙ୍ଗୁ , ଡ଼ାଇରିଆ ରୋଗର ପ୍ରତିଷେଧକ ଏବଂ ପ୍ରତିକାର ସମ୍ବନ୍ଧରେ ଆଲୋଚନା କରିଥିଲେ । ଏନେଇ ଆଶା,ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସ୍ୱତନ୍ତ୍ର ତାଲିମ ସହ ଦାୟିତ୍ୱ ଦିଆଯାଇଥିବା ଡ଼ା. ସଞ୍ଜୟ କୁମାର ପ୍ରକାଶ କରିଥିଲେ । ଗତ ୧୭ ତାରିଖରୁ ସେପ୍ଟେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବା ସହ ବ୍ଲକର ୯ଟି ଗ୍ରାମରେ ଦମନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପ୍ରାଥମିକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ଗମାଙ୍ଗ ପ୍ରକାଶ କରିଥିଲେ ।

### ପରିବାର ପରାମର୍ଶ କେନ୍ଦ୍ରର ବୈଠକ



**ଗୁଣପୁର,୨୦।୬(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ପରିବାର ପରାମର୍ଶ କେନ୍ଦ୍ର କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରାମର୍ଶ କେନ୍ଦ୍ରରେ ଅନେକଗୁଡିଏ ପରିବାର ଜନିତ ସମସ୍ୟାର ସମାଧାନ ଜିଲା ପ୍ରଶାସନ ସହାୟତାରେ ହୋଇଥିବା ନେଇ ଆଲୋଚନା ହୋଇଥିଲା । ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସାହାରା ପରିବାର ପରାମର୍ଶ କେନ୍ଦ୍ରରେ ହୋଇଥିବା ବୈଠକରେ ସହକାରୀ ଜିଲାପାଳ ରିନା ପ୍ରଧାନ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି, ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ, କେନ୍ଦ୍ରର ପରାମର୍ଶ ଦାତ୍ରୀ ଜୟଶ୍ରୀ ମହାପାତ୍ର, ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଦୁଇ ଶିକ୍ଷକ ଦମ୍ପତିଙ୍କ ପାରିବାରିକ ସମସ୍ୟାକ ସମାଧାନ କରାଯାଇଥିଲା ।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୨୦।୬:** ରାୟଗଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ସିଟିସି ରାୟଗଡା ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସିଟିସି ରାୟଗଡାର ସନ୍ତୋଷ କୁମାର ସ୍ୱାଇଁ, ରଘୁନାଥ ସାହୁ, ଅରୁଣ ପ୍ରସାଦ ରଥ, ବିଜୟ ଦେଓ ଓ ଛାତ୍ର ଶୁକଦେବ ମାଣ୍ଡାଲ, ନୀଳମାଧବ ସିଂ, ଚିନ୍ମୟ ଭୋଇ, ସ୍ୱସ୍ତିକ ସାହୁ, ଧର୍ମେନ୍ଦ୍ର ନାୟକ, ନୀତିଶ ଭଞ୍ଜ, ମନିତା ବସ୍ତିଆ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟ ସଭାପତି ହୃଦୟାନନ୍ଦ ପଣ୍ଡା, ସମ୍ପାଦକ ଡା. ସୁନୀଲ ପ୍ରସାଦ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଓ ଛାତ୍ରୀଛାତ୍ର ଯୋଗଦେଇ ବୃକ୍ଷରୋପଣ କରିଥିଲେ ।

■ କସ୍ତୁରୀନଗରର ଛାତ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ

# ତ୍ରିକୋଣୀୟ ପ୍ରେମ ଲାଗି କରାଯାଇଥିଲା ହତ୍ୟା

**ରାୟଗଡା ଅଫିସ୍, ୨୦।୬**

ଗତ ୧୬ ତାରିଖରେ ଘଟିଥିବା ଛାତ୍ର ମହାଦେବ ସୁରେଶ କୁମାର ହତ୍ୟା ଘଟଣା ଉପରୁ ପୋଲିସ ପରଦା ହଟାଇଛି । ଏହି ଘଟଣାରେ ୩ଜଣ ନାବାଳକଙ୍କ ସମେତ ନିରଞ୍ଜନ ବିଡିକା ଓ ପି.ପଓ୍ୱନ କଲ୍ୟାଣ ୨ ଜଣ ଯୁବକଙ୍କୁ ପୋଲିସ ଧରିଛି । ୨ ଯୁବକଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ୩ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଇଲ କୋର୍ଟକୁ ପଠାଯାଇଛି । ହତ୍ୟାରେ ବ୍ୟବହାର କରାଯାଇଥିବା ୨ଟି ମୋଟର ସାଇକେଲ୍ ସହ ୫ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି । ଜଣେ ଝିଅକୁ ୨ ଜଣ ପ୍ରେମ କରୁଥିବାରୁ ଏହି ହତ୍ୟାକାଣ୍ଡ ଘଟିଛି । ରାୟଗଡା ଏସ୍‌ପି ଶ୍ରବଣ ବିବେକ ଏମ୍ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, କସ୍ତୁରୀନଗର ଷଷ୍ଠ ଲେନ୍‌ରେ ରହୁଥିବା ମହାଦେବ ସୁରେଶ କୁମାର(୧୮) ଜଣେ ଝିଅଙ୍କୁ ଭଲ ପାଉଥିଲେ । ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଜଣେ ନାବାଳକ ମଧ୍ୟ ଉକ୍ତ ଝିଅଙ୍କୁ ଭଲ ପାଉଥିଲେ । ଏହାକୁ ନେଇ ସେମାନଙ୍କ ମଧ୍ୟରେ ତିକ୍ତତା ବଢ଼ି ଚାଲିଥିଲା । ନାବାଳକ ଜଣକ ସୁରେଶ କୁମାରଙ୍କୁ ରାସ୍ତାରୁ ହଟାଇବା ପାଇଁ ଟାର୍ଗେଟ କରିଥିଲେ । ଗତ ୧୫ତାରିଖରେ କସ୍ତୁରୀନଗରଠାରେ ଘଟପର୍ବ ଚାଲିଥିଲା । ଏହାର ସୁଯୋଗ ନେଇ ନାବାଳକ ରାମଚନ୍ଦ୍ରପୁରରେ ରହୁଥିବା ନିରଞ୍ଜନ ବିଡିକା(୨୯), ମହିଳା ମହାବିଦ୍ୟାଳୟ ନିକଟରେ ରହୁଥିବା ପି.ପଓ୍ୱନ କଲ୍ୟାଣ ଏବଂ ଅନ୍ୟ ୨ ନାବାଳକଙ୍କୁ ନେଇ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ରାତି ପ୍ରାୟ ୧୧ଟା ବେଳେ ସୁରେଶଙ୍କୁ ଘରୁ ଡାକି ନେଇଥିଲେ । ଉକ୍ତ ଝିଅଠାରୁ ଦୂରେଇ ରହିବା ପାଇଁ ସୁରେଶଙ୍କୁ ଧମକାଇବା ସହ ପାଟିତୁଣ୍ଡ କରିଥିଲେ । ପରେ ସୁରେଶଙ୍କୁ ଏକ ନିରୋଳା ସ୍ଥାନକୁ ନେଇ ନିସ୍ଥୁକ ମାଡ ମାରିଥିଲେ । ସେ ଅଚେତ ହୋଇ ତଳେ ପଡିଯିବାରୁ ତାଙ୍କୁ ଏକ ମୋଟର ସାଇକେଲ୍‌ରେ ଆଣି କସ୍ତୁରୀନଗର ପ୍ରଥମ ଗଳିର ଏକ ଶପିଂ କମ୍ପ୍ଲେକ୍ସ ବାରଣ୍ଡାରେ ପକାଇ ଚାଲି ଯାଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସୁରେଶଙ୍କ ମୃତ୍ୟୁ ହୋଇଯାଇଥିଲା । ଶବ ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ତାଙ୍କ ମୁଣ୍ଡ, ତଳପେଟ, ଯୌନାଙ୍ଗରେ ଗୁରୁତର ଆଘାତ ଲାଗିଥିବା ଯୋଗୁ ସୁରେଶଙ୍କ ମୃତ୍ୟୁ ହୋଇଥିଲା ବୋଲି ଏସ୍‌ପି କହିଛନ୍ତି । ଘଟଣାସ୍ଥଳର ସ୍ଥିତି, ସିସିଟିଭି ଫୁଟେଜ, ସ୍ଥାନୀୟ ଲୋକଙ୍କୁ ପଚରା ଉଚୁରା ଏବଂ ପୋଲିସର ଗୁଇନ୍ଦା ବିଭାଗର ତଥ୍ୟକୁ ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ନୀହାର ରଞ୍ଜନ ପ୍ରଧାନ, ଚାନ୍ଦିଲି ଥାନାଧିକାରୀ, ଅତିରିକ୍ତ ଏସ୍‌ପିଙ୍କୁ ନେଇ ଏକ ଟିମ୍ ପ୍ରସ୍ତୁତ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ବେଳେ ୩ ନାବାଳକଙ୍କ ସହ ୨ଜଣ ଯୁବକ ଜଡିତ ଥିବା ଜଣାପଡିଥିଲା । କେଶ୍ ନମ୍ବର ୧୮୬/୨୦୧୯ ପ୍ରକାରେ ନିରଞ୍ଜନ ବିଡିକା, ପି.ପଓ୍ୱନ କଲ୍ୟାଣ ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ୩ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ହସ୍ତାନ୍ତର କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଭିଆର୍ ରାଓ, ଅଶୋକ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତ ।

# ପାଣି ନ ମିଳିବାରୁ ଅସନ୍ତୋଷ

**ଗୁଣପୁର,୨୦।୬(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହରର କେତେକ ଅଞ୍ଚଳରେ ପାଣି ନ ମିଳିବାରୁ ଅସନ୍ତୋଷ ଦେଖାଦେଇଛି । ଦୀର୍ଘ ଦିନ ହେବ ପାଣି ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନାହିଁ । ଗୁରୁବାର ମହିଳାମାନେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି । ଢେପ ବାଉରିସାହି, ରଜାକଲୋନୀ, ଗୌଡ ସାହି, ମୂଷା ନାୟକ ସାହି ଆଦି ଉଠା ସ୍ଥାନଗୁଡ଼ିକରେ ପାଣି ମିଳୁନାହିଁ । ସାହିର ଷ୍ଟାଣ୍ଡ ପୋଷ୍ଟ ନା ଘରକୁ କୌଣସି ସ୍ଥାନକୁ ଏହି ଅଞ୍ଚଳରେ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି । ଏନେଇ ପ୍ରଶାସନ ଦୃଷ୍ଟି ଦେବାକୁ ଲୋକମାନେ ଦାବି କରିଛନ୍ତି ।



ମହିଳାମାନେ ପାଣି ପାଇଁ ଷ୍ଟାଣ୍ଡ ପୋଷ୍ଟ ନିକଟରେ ଅପେକ୍ଷା କରିଛନ୍ତି ।

■ କେନ୍ଦ୍ରୀୟ ବିଦ୍ୟାଳୟ ନେଇ ସମସ୍ତ ପ୍ରକ୍ରିୟା ଶେଷ

# ତୁରନ୍ତ ବିକ୍ରୟ ହୋଇପାରେ ଫର୍ମ

**ଗୁଣପୁର,୨୦।୬(ଡି.ଏନ.ଏ)**

କେନ୍ଦ୍ରୀୟ ବିଦ୍ୟାଳୟ ନାମରେ ଜିଲାସ୍ତରରେ ରହିଥିବା ସମସ୍ତ ପ୍ରକ୍ରିୟା ବୁଧବାର ଶେଷ ହୋଇଛି । ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଏବଂ ରାୟଗଡା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସିପାଲଙ୍କ ଉପସ୍ଥିତିରେ ଏହି ସମସ୍ତ ପ୍ରକ୍ରିୟା ସମାପନ ହୋଇଛି । ଏହି ସମୟରେ ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ ମଧ୍ୟ ଉପସ୍ଥିତ ଥିଲେ । ଚଳିତ ଶିକ୍ଷାବର୍ଷରେ ନାମ ଲେଖା ଲାଗି ଫର୍ମ ଅଫ ଲାଇନରେ ତୁରନ୍ତ ବିକ୍ରୟ ହେବ ବୋଲି ଜଣାପଡିଛି, ଯାହା ଗୁଣପୁରବାସୀଙ୍କ ପାଇଁ ଖୁସିର ବିଷୟ ହୋଇଛି । ଗତ ୪ ତାରିଖରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନାମରେ ଜମି ପଞ୍ଜୀକରଣ ପ୍ରକ୍ରିୟା ହୋଇଥିଲା । ତହସିଲ ଅଫିସ ନିକଟରେ ଥିବା ୮ ଏକର ଜମିକୁ କେନ୍ଦ୍ରୀୟ ବିଦ୍ୟାଳୟ ନାମରେ ପଞ୍ଜୀକରଣ କରାଯାଇଥିଲା । ସ୍କୁଲ ନିମନ୍ତେ ଯୋଗାଇ ଦିଆଯାଇଥିବା ବେଲ ହଷ୍ଟେଲ କୋଠାକୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନାମରେ ହସ୍ତାନ୍ତର କରାଯାଇଥିଲା । ଆସବାବପତ୍ର ତଥା ଅନ୍ୟାନ୍ୟ ସରଞ୍ଜାମଗୁଡିକ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନାମରେ ହସ୍ତାନ୍ତର କରାଯାଇଛି । ଏପରି କି ଜିଲାସ୍ତରରେ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଠାରୁ ଆରମ୍ଭ କରି ପୂର୍ବତନ ଜିଲାପାଳ , ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ଗୁଣପୁର ଉପଜିଲାପାଳ ଏବଂ ଲୋକ ପ୍ରତିନିଧିମାନେ ସମସ୍ତ ସହଯୋଗ କରିଛନ୍ତି । ଗୁଣପୁରଠାରେ ୨୦୧୩ରୁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଅନୁଧ୍ୟାନ କରାଯାଉଥିଲା , ଯାହାର ଫଳ ଏବେ ସାକାର ହେବାକୁ ଯାଉଛି । ଏହି ସମୟ ମଧ୍ୟରେ ଅନେକ ଥର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅଧିକାରୀମାନେ ଆସି ଅନୁଧ୍ୟାନ କରି ଯାଇଛନ୍ତି । ଗତ ମାର୍ଚ୍ଚ ୭ ତାରିଖରେ ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ୨ୟ ଥର ପାଇଁ କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ଏଥିଲାଗି ଆଶା ସଞ୍ଚାର ହୋଇଥିଲା ।

## ରକ୍ତଦାନ ଶିବିର

**ଜେକେପୁର,୨୦।୬ (ଡି.ଏନ୍.ଏ.)**

ସ୍ୱର୍ଗତ ହରିଶଙ୍କର ସିଂହାଣିଆଙ୍କ ୮୬ତମ ଜନ୍ମ ଦିବସ ଜେକେ କାଗଜକଳଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହାକୁ କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୂରୀ ଉଦ୍‌ଘାଟନ କରିଥିଲେ । ମୋଟ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହାକୁ ରଞ୍ଜିତ କୁମାର ଦାସ ପରିଚାଳନା କରିଥିଲେ । ବ୍ଲଡ୍ ବ୍ୟାଙ୍କ ରାୟଗଡ଼ା ତରଫରୁ ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ଏମ୍.ଏନ୍. ମଜିଜ, ସରୋଜ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଜେକେ କାଗଜକଳର ବରିଷ୍ଠ ଅଧିକାରୀ ସୁନ୍ଧୀପ ପାଣ୍ଡେ, ବିନୟ ଦ୍ୱିବେଦୀ, ସୁନିଲ କୁମାର ନାଥ, ପ୍ରମୁଖ ଉପସ୍ଥିତ ଥିଲେ ।

■ କ୍ରିକେଟ ଟୁର୍ନାମେଣ୍ଟ

## ଗୁଣପୁରକୁ ହରାଇ ମୁକୁନ୍ଦପୁର ଚାମ୍ପିୟନ

**ରାୟଗଡ଼ା ଅଫିସ, ୨୦।୬**

ରାୟଗଡ଼ା ଦୁର୍ଗୀସ୍ଥିତ ମା'ମାଣିକେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମୁକୁନ୍ଦପୁର ଓ ଗୁଣପୁର ମଧ୍ୟରେ ଖେଳାଯାଇଥିଲା । ଏଥିରେ ଟସ୍ ଜିତି ଗୁଣପୁର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ୧୨ ଓଭରରେ ସମସ୍ତ ଉଇକେଟ ହରାଇ ଗୁଣପୁର ଟିମ୍ ୫୭ ରନ କରିଥିଲା । ଜବାବରେ ମୁକୁନ୍ଦପୁର ଟିମ୍ ୩ ଉଇକେଟ ହରାଇ ୫ ଓଭରରେ ସମସ୍ତ ରନ ସଂଗ୍ରହ କରି ଫାଇନାଲ ଜିତି ଥିଲା । ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଥିଲେ । ଅନ୍ୟତମ ଅତିଥିଭାବେ ଖଦିବୋର୍ଡ ଅଧ୍ୟକ୍ଷ ପୃଥ୍ୱୀରାଜ ସାହୁ ଉପସ୍ଥିତ ଥିଲେ । ବିଜୟୀ ଟିମ୍ ଓ ରନର୍ସଅପ୍ ଟିମ୍‌କୁ ଅତିଥି ପୁରସ୍କୃତ କରିଥିଲେ । ମାଇକ ଶିଶିର ଓ ସୁମନ୍ତ ନାୟକ ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । କ୍ଲବ ସଦସ୍ୟ ତପନ, ଜୀବନ, ବୁନୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲେଣି ବଡ଼ ଘରଣୀ**
**ତାଙ୍କୁ ଦିଅ ପିଢ଼ାପାଣି ।**
**ଅଇଲାଣି ଦୁଃଖୀ ରାଣ୍ଡୀ**
**ତାକୁ ଦିଅ ଅରଟ ଖଣ୍ଡି ।**

ବଡ଼ଲୋକଙ୍କୁ ସମସ୍ତେ ମୁଣ୍ଡରେ ବସାନ୍ତି ତାଙ୍କ ହାନିଲାଭ ପଚାରି ବୁଝନ୍ତି କିନ୍ତୁ ଗରିବ ଦୁଃଖୀ ଲୋକଙ୍କୁ ସଭିଏଁ ହୀନ ଆଖିରେ ଦେଖନ୍ତି । ବଡ଼ ବା ଧନୀ ଘରର ସ୍ତ୍ରୀ ଲୋକଟିଏ ଘରକୁ ଆସିଲେ ତାଙ୍କୁ ମାନ୍ୟ କରି ପିଢ଼ାପାଣି ଦେଇ ଚର୍ଚ୍ଚା କରନ୍ତି । ଅଥଚ ଗରିବ ଘରର ବିଧବା ମହିଳାଙ୍କୁ ଦେଖିଲେ କାମ ବଢ଼େଇ ଦେବାରେ ହେଳା କରି ନ ଥାନ୍ତି । ସତେ ଯେମିତି ଖଟିବା ହିଁ ତା'ର କର୍ମ ଓ ପ୍ରାପ୍ୟ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**ଅଗା ବଗା ସଗା**
**ତିନିହେଁ ତିନି ଅଲଗା ।**

ଭିନ୍ନ ମତବାଦର ବ୍ୟକ୍ତି ଏକାଠି ମିଳିଲେ କିଛି କରିପାରନ୍ତି ନାହିଁ । ବରଂ ବିଭ୍ରାଟ ସୃଷ୍ଟି କରି ବସନ୍ତି । କାହା ମନ ସହ ମନ ମିଶି ନ ପାରିବା କାରଣରୁ ସେମାନେ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଟ୍ରକକୁ ଧକ୍କା ଦେଲା କାର

# ୧ ମୃତ, ଗୋଟିଏ ପରିବାରର ୫ ଆହତ



ରାସ୍ତାକଡ଼ରେ ଆହତମାନେ ।

**ରାୟଗଡା ଅଫିସ୍, ୨୦।୬**

ରାୟଗଡା ସହରର ସିରିଗୁଡାଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ପରିବାରର ୫ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ମାନସ ରଞ୍ଜନ ଦାଶ(୪୦) । ଆହତ ହୋଇଥିବା ଟି.ଲକ୍ଷ୍ମୀନାରାୟଣ, ତାଙ୍କ ସ୍ତ୍ରୀ କେ.ଗଙ୍ଗୋତ୍ରି, ଝିଅ ଟି.ସାହଜା(୧୨), ଟି.ସାଇଶ୍ରୀ(୯) ଏବଂ ପୁଅ ଟି.ସ୍ମରଣ(୬)ଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ମାନସ କୋରାପୁଟ ଜିଲା କାକିରିଗୁମା ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଆହତ କେ.ଗଙ୍ଗୋତ୍ରି ମଧ୍ୟ ସେହି ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି । ସମସ୍ତେ ଦାମନଯୋଡ଼ିରୁ ଏକ କାର (ନଂ ଓଡି.୧୦.ଡି-୫୭୫୯) ଯୋଗେ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ ନିମନ୍ତେ ଆସିଥିଲେ । କାରଟି ରାୟଗଡା ସହର ଉପକଣ୍ଠ ସିରିଗୁଡା ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାକଡରେ ଥିବା ଏକ ଟ୍ରକ୍ (ନଂ ଓଡି.୧୮.ବି-୫୦୯୮)କୁ ଧକ୍କା ଦେଇଥିଲା । ଫଳରେ ଶିକ୍ଷକ ମାନସ ରଞ୍ଜନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଗୁରୁତର ହୋଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଆହତଙ୍କ ମଧ୍ୟରେ ଟି.ସ୍ମରଣ ଓ କେ.ଗଙ୍ଗୋତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ୪ ମାସ ହେଲା ଭାଙ୍ଗିଯାଇଛି ପାଇପ୍, ଲୋକେ ହନ୍ତସନ୍ତ

**ଟିକିରି,୨୦।୬(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ବେହେରା ସାହି ଓ ଗଉଡ଼ସାହିରେ ଥିବା ଜଳଯୋଗାଣ ପାଇପ୍ ୪ ମାସ ହେଲାଣି ଭାଙ୍ଗିଯାଇଛି । ଫଳରେ ସାହିବାସିନ୍ଦା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ୬୦ ପରିବାରଏହି ପାଣି ଉପରେ ନିର୍ଭର କରୁଥିଲେ । ଲୋକେ ଟୋପାଏ ପାଣି ପାଇଁ ଖରାରେ ବହୁତ ସମୟ ଅପେକ୍ଷା କରିବାକୁ ପଡୁଛି । ହେଲେ ଏଥିପ୍ରତି କାହାର ନଜର ପଡୁ ନ ଥିବା ଅଭିଯୋଗ ହେଉଛି । ତେଣୁ ତୁରନ୍ତ ଏହି ପାଣି ପାଇପ୍‌କୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।



ରାୟଗଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି ।

# ସରୁନି ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ କାମ

**ଜେକେପୁର, ୨୦।୬(ଡି.ଏନ୍.ଏ.)**

ପ୍ରତି ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ କରାଯିବ ବୋଲି ୨୦୧୧ରେ କେନ୍ଦ୍ର ସରକାର ଅନୁଦାନ ଯୋଗାଇଥିଲେ । ଏହି କ୍ରମରେ ୧୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୦୧୩ରେ ରାୟଗଡ଼ା ଜିଲା କୋଲନରା ବ୍ଲକ ସୁରୀ ପଞ୍ଚାୟତ ସଦର ଗାଁରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା । କିନ୍ତୁ ଏଯାବତ୍ ଏହି କାମ ଶେଷ ହୋଇପାରିନି । ସେବାକେନ୍ଦ୍ର ନିର୍ମାଣ କାମ ଅଧାପନ୍ତରିଆ ପଡି ରହିଛି । କେନ୍ଦ୍ରର ନିର୍ମାଣ କାମ ସରୁ ନ ଥିବାରୁ ଏହା ଲୋକଙ୍କ କାମରେ ଲାଗିପାରୁନି । ୨୦୧୭ ଫେବୃୟାରୀ ୯ତାରିଖ ସୁଦ୍ଧା ଏହି କେନ୍ଦ୍ର ବାବଦକୁ ୧୦ଲକ୍ଷ ୯୪ହଜାର ୩ଶହ ଏକ ଟଙ୍କା ଖର୍ଚ୍ଚ କରାଯାଇଛି । ତେବେ ବିଭାଗୀୟ ଉଦାସୀନତା ଯୋଗୁ କୋଲନରା ବ୍ଲକର ଏହି ସେବା କେନ୍ଦ୍ର ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । କନିଷ୍ଠ ଯନ୍ତ୍ରୀ ୱାଇଏସ୍‌ଆର ରାଓଙ୍କୁ ଏ ନେଇ ପଚାରିବାରୁ ଅନୁଦାନ ଠିକ୍ ସମୟରେ ଆସୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ଆଗେଇପାରୁନି ବୋଲି କହିଥିଲେ । ସହକାରୀ ଯନ୍ତ୍ରୀ ରାଜକିଶୋର ପ୍ରଧାନ ବର୍ତ୍ତମାନ ଛୁଟିରେ ଥିବାରୁ ଏ ବିଷୟରେ କିଛି କହିପାରିବିନି ବୋଲି କହିଥିଲେ ।



ଅଧା ତିଆରି କେନ୍ଦ୍ର ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ଏନ୍‌ଏଚ୍‌ରେ ବିପଦସଙ୍କୁଳ ଗଛ କଟାଗଲା

ଜୟପୁର,୨୦।୬(ନି.ପ୍ର.): ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ବାରିଣିପୁଟରୁ ମୁଖ୍ୟ ଟ୍ରାଫିକ ଛକ ଯାଏ ରହିଥିବା ବିପଦସଙ୍କୁଳ ଗଛକୁ କାଟିଛି ପ୍ରଶାସନ । ଧନ ଜୀବନ କ୍ଷତି ଆଶଙ୍କାରେ ସ୍ଥାନୀୟ ବାସିନ୍ଦାଙ୍କ ଦାବିରେ ମିଳିତ ଭାବେ ୭ଟି ଗଛ କାଟିଛି ବିଭାଗ। ଜୟପୁର ବନ ବିଭାଗ, ଓଏଫ୍‌ଡିସି, ସାଉଥକୋ, ଏନ୍‌ଏଚ୍‌ଆଇ ଓ ପୋଲିସର ମିଳିତ ଉଦ୍ୟମରେ ଏହି ସବୁ ଗଛ କଟାଯାଇଛି । ୭ଟି ଗଛରୁ ୩ଟି ଆମ୍ବଗଛ ଓ ୪ଟି ହଲକୁ ଗଛ ରହିଥିଲା।

### ଦୋକାନରୁ ୪୦ ହଜାର ଟଙ୍କାର ସାମଗ୍ରୀ ଚୋରି

କୋଲାବନଗର,୨୦।୬(ଡି.ଏନ୍.ଏ.): କୋରାପୁଟ ସଦର ଥାନା ଅଧୀନ କୋଲାବନଗର ବଜାରରେ ଥିବା ଏକ ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନ କବାଟ ଭାଙ୍ଗି ପ୍ରାୟ ୪୦ ହଜାର ଟଙ୍କାର ସାମଗ୍ରୀ ସହିତ ନଗଦ ୨ ହଜାର ଟଙ୍କା ନେଇ ଯାଇଥିବା ମାଲିକ ଅନିଲ ପାଣିଗ୍ରାହୀ କହିଛନ୍ତି। ସେଠାରେ ଅନେକ ସମୟରେ ଚୋରି ହେଉ ଥିବାରୁ ସବୁଦିନ ଭଳି ବୁଧବାର ରାତି ପ୍ରାୟ ୧ଟାରେ ଅନିଲ ନିଜ ଦୋକାନ ନିକଟକୁ ଯାଇଥିଲେ। ସେହି ସମୟରେ ତାଙ୍କ ଦୋକାନ ତାଲା ଭଙ୍ଗା ଯାଇଥିବା ସେ ଦେଖିଥିଲେ। ଭିତରକୁ ଯାଇ ଦେଖିଲା ବେଳକୁ ୨ ହଜାର ଟଙ୍କା ସହ ଦୋକାନରେ ଥିବା ମୃଦୁ ପାନୀୟ, ଦାମୀତେଲ, ସାବୁନ୍, ବିସ୍କୁଟ, ଡାଲି, ରିଫାଇନ୍ ତେଲ, ଚିନି, ସୁଜି ଅନେକ ସାମଗ୍ରୀ ଚୋରମାନେ ନେଇ ଯାଇଥିଲେ। ଖବର ଲେଖା ଯିବା ବେଳକୁ ସେ ଥାନାରେ ଏତଲା ଦେଇ ନ ଥିଲେ।

### ଜନମଙ୍ଗଳ ସତ୍‌ସଙ୍ଗ

କୋଲାବନଗର,୨୦।୬(ଡି.ଏନ୍.ଏ.): କୋରାପୁଟ ସଦର ଅଧୀନ କୋଲାବନଗରସ୍ଥିତ ସତ୍‌ସଙ୍ଗ କେନ୍ଦ୍ରରେ ଏକ ବିଶ୍ୱ ଜନମଙ୍ଗଳ ସତ୍‌ସଙ୍ଗ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ବହୁ ମାନ୍ୟଗଣ୍ୟ ସତ୍‌ସଙ୍ଗୀ ସାମିଲ ହୋଇଥିଲେ। ସକାଳୁ ସତ୍‌ସଙ୍ଗୀମାନେ କୀର୍ତ୍ତନ କରି ସହର ପରିକ୍ରମା କରିଥିଲେ। ପରେ ପୂର୍ବାହ୍ନ ୯ଟାରେ କେନ୍ଦ୍ର ପରିସରରେ ଏକ ସମୂହ ପ୍ରାର୍ଥନା କରାଯାଇଥିଲା। ପରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ମାତୃମଣ୍ଡଳୀ ଓ ଭ୍ରାତୃମଣ୍ଡଳୀଙ୍କ ଆନୁକୂଲ୍ୟରେ ସତ୍‌ସଙ୍ଗ କରାଯାଇଥିଲା। ଶିଶିର ପରିଜା, ଅଶୋକ ତ୍ରିପାଠୀ, ବିଭୁ ପ୍ରସାଦ ଆଚାର୍ଯ୍ୟ, ସନ୍ତୋଷ ଖଣ୍ଡୋୟୀ, ରମେଶ ସାହୁ, ବିଦ୍ୟାଧର ମହାନ୍ତି ଓ ମଦନ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସତ୍‌ସଙ୍ଗ ଆୟୋଜକ ପାର୍ବତୀ ଦେବୀ ନନ୍ଦ, ମୁକ୍ତା ଖିଲ, ସତ୍‌ସଙ୍ଗ କେନ୍ଦ୍ର ଉପଦେଷ୍ଟା ସୁବାସ ପଟ୍ଟନାୟକ, ସମ୍ପାଦକ କୈଳାସ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

### କୋରାପୁଟରେ ପ୍ରାକ୍ ମୌସୁମୀ ବର୍ଷା

କୋରାପୁଟ, ୨୦।୬(ସ୍ୱ.ପ୍ର.) : ଗୁରବାର କୋରାପୁଟରେ ପ୍ରାକ ମୌସୁମୀ ବର୍ଷା ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ କୋରାପୁଟ ଜିଲାରେ ରାତି ପ୍ରାୟ ୮ଟାରେ ବର୍ଷା ଆରମ୍ଭ ହୋଇଛି। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ କୋରାପୁଟରେ ମୌସୁମୀ ପ୍ରବେଶ କରିବ ବୋଲି ଜିଲା ଜରୁରୀ ବିଭାଗ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ସବ୍ୟସାଚୀ ପଣ୍ଡା ଭଞ୍ଜନଗର କୋର୍ଟରେ ହାଜର

ଭଞ୍ଜନଗର,୨୦।୬(ଡି.ଏନ.ଏ.): ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ଗୁରୁବାର ପୋଲିସ ବିଭିନ୍ନ ମାମଲାର ବିଚାରଣ ପାଇଁ ଭଞ୍ଜନଗର କୋର୍ଟରେ ହାଜର କରିଥିଲା। ଏଥିସହ ମାଓବାଦୀ ହିଂସା ମାମଲାରେ ଜଡିତ ଆଉ ୬ଜଣ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଜାମିନରେ ଥିବାବେଳେ ଆଉ କେତେଜଣ ଏବେବି ଜେଲରେ ବିଚାରାଧିନ ବନ୍ଦୀଭାବେ ଅଛନ୍ତି। ସୋରଡା ଓ ବଡଗଡ ଥାନା ଅଞ୍ଚଳର ୧୦ ମାଓବାଦୀ ହିଂସା ମାମଲାର ଗୁରୁବାର ବିଚାରଣ ହୋଇଥିଲା। ଏହା ସରିବା ପରେ ସବ୍ୟସାଚୀଙ୍କୁ କଡା ସୁରକ୍ଷା ମଧ୍ୟରେ ଅପରାହ୍ନରେ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ମଧ ମାଓବାଦୀ ହିଂସା ମାମଲାର ବିଚାରଣ ଥିବାରୁ ସବ୍ୟସାଚୀଙ୍କୁ ଭଞ୍ଜନଗର କୋର୍ଟରେ ହାଜର କରାଯିବାର କାର୍ଯ୍ୟକ୍ରମ ରହିଛି। ସରକାରଙ୍କ ପକ୍ଷରୁ ଏମ୍.ତାଜ୍ ଆଦେନୀ, ଡ. ସୁଶାନ୍ତ ତ୍ରିପାଠୀ, ବିମ୍ବାଧର ଷଡ଼ଙ୍ଗୀ, ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ ମୋକଦ୍ଦମା ପରିଚାଳନା କରୁଛନ୍ତି।

# ୩୦ ଯାଏ ଚାଲିବ କୋର୍ଟ ବର୍ଜନ

- ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର
- ଆସନ୍ତା ସପ୍ତାହରେ କମିଶନଙ୍କୁ ଦାବି ଜଣାଇବ କମିଟି

ଜୟପୁର/କୋରାପୁଟ, ୨୦।୬(ନି.ପ୍ର./ଡି.ଏନ୍.ଏ./ସ୍ୱ.ପ୍ର.)



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

ଜୟପୁର ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ଦେଇଛି। ଗତ ଡିସେମ୍ବର ୪ରୁ ଆରମ୍ଭ ହୋଇଥିବା ଓକିଲଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ୭ ମାସରେ ପହଞ୍ଚିଛି । କେନ୍ଦ୍ରୀୟ ସମନ୍ୱୟ କମିଟି ଅଧକ୍ଷ ସରୋଜ କୁମାର ଦାସ, କୋରାପୁଟ ଓକିଲ ସଂଘ ସଭାପତି ସୁଦର୍ଶନ ଗୌଡ, ସମ୍ପାଦକ ସୁନିଲ ଜେନା, ଉପସଭାନେତ୍ରୀ ନମିତା ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଏକ ଶୋଭାଯାତ୍ରରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲେ। ଜିଲା ସଭାପତି ତଥା କ୍ରିୟାନୁଷ୍ଠାନ କମିଟିର ଅଧକ୍ଷ ସରୋଜ ଦାଶଙ୍କ ନେତୃତ୍ୱରେ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି । ସେଥିରେ ଉଲ୍ଲେଖ କରାଯାଇଛି ଯେ କୋରାପୁଟ ଜିଲାରେ ହାଇକୋର୍ଟ ବେଞ୍ଚ କରିବା ପାଇଁ ଆନ୍ଦୋଳନ ଜାରି ରହିଥିବା ବେଳେ ସରକାର ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଭିତ୍ତିଭୂମି ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି କମିଶନଙ୍କ ରିପୋର୍ଟରେ ଅବିଭକ୍ତ କୋରାପୁଟ ଜିଲାର ନାମ ନ ଥିବାରୁ ତୁରନ୍ତ ଉକ୍ତ କମିଶନ ନାମ ସୁପାରିଶ କରୁ ବୋଲି ଦାବି କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ଦଳ ୨୫ରୁ ୩୦ ତାରିଖ ଭିତରେ କମିଶନଙ୍କ ସହ ସାକ୍ଷାତ କରି ଦାବିପତ୍ର ଦେବେ। ଜାରି ରହିଥିବା ଆନ୍ଦୋଳନ ଜୁନ ୩୦ ଯାଏ ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଶାରୀରିକ, ମାନସିକ ସୁସ୍ଥତା ପାଇଁ ଯୋଗ ଜରୁରୀ

ବୈପାରୀଗୁଡ଼ା,୨୦।୬(ଡି.ଏନ୍.ଏ.)

ବୈପାରୀଗୁଡ଼ାସ୍ଥିତ ଫ୍ରେଣ୍ଡସ୍ ୟୁନିଟ୍ କ୍ଲବ ଓ ଗୁମ୍ପା ଗାଁର ମା' ବୁଢୀ ଠାକୁରାଣୀ ୟୁଥ୍ କ୍ଲବର ମିଳିତ ସହଯୋଗରେ ଯୋଗ ଦିବସ ପାଳିତ ହୋଇଛି। ପ୍ରାୟ ୫୦ ଜଣ ଯୁବକ ଏଥିରେ ସାମିଲ ହୋଇଥିଲେ। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି ମୁଖ୍ୟ ଅତିଥି, ବୈପାରୀଗୁଡା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ, ଡାକ୍ତର ବିଶ୍ୱଜିତ ଭୂୟାଁ ଓ ବିଏସ୍ଏଫ୍ ଇନ୍ସପେକ୍ଟର ଜେ.ଆର ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ରହିଛି ବୋଲି ଡାକ୍ତର ଭୂୟାଁ କହିଥିଲେ। ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ଫ୍ରେଣ୍ଡସ୍ ୟୁନିଟ୍ କ୍ଲବ ସଭାପତି ମଧୁସୂଦନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କେଶବ ଖିଲ, ଭୀମସେନ ହରିଜନ, ରବି ସଗରିଆ ଓ ମନ୍ଦାକିନୀ ପାଇକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଯୋଗ ଦିବସରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି ।

■ ପଟ୍ଟାଙ୍ଗି ପଞ୍ଚାୟତରେ ଆୟୋଜିତ ଗ୍ରାମସଭାରେ ଉଠିଲା ମତ

# ପାରିପାର୍ଶ୍ୱିକ ବିକାଶ ପାଇଁ ଶ୍ୱେତପତ୍ର ଦେଉ ନାଲ୍‌କୋ

କୋରାପୁଟ/ପଟ୍ଟାଙ୍ଗି,୨୦।୬ (ସ୍ୱ.ପ୍ର./ଡି.ଏନ୍.ଏ.)

ସେରୁବନ୍ଧ ବକ୍ସାଇଟ ଖଣି ଲିଜ୍ ନାଲକୋକୁ ମିଳିଥିବାବେଳେ ଜଙ୍ଗଲ ଜମିରୁ ଅଣ ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଗୁରୁବାର କୋରାପୁଟ ଜିଲା ପଟ୍ଟାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ବସିଛି। ନାଲକୋ ଖଣି ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ପାଇଁ କି ପ୍ରକାର ପଦକ୍ଷେପ ନେଇଛି, ସେ ନେଇ ନାଲକୋ ଶ୍ୱେତପତ୍ର ଜାରି କରୁ ବୋଲି ସଭାରେ ମତ ପ୍ରକାଶ ପାଇଛି।

ପଟ୍ଟାଙ୍ଗି ସରପଞ୍ଚ ଭଗବାନ ଖରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ଗ୍ରାମସଭାରେ ଜମି କିସମ ପରିବର୍ତ୍ତନ ଓ ଖଣିଖୋଲା ପ୍ରସଙ୍ଗରେ ଗୁରୁବାର ମଧ ସହମତି ପ୍ରକାଶ ପାଇ ନଥିଲା। ନାଲକୋ ଶ୍ୱେତପତ୍ର ଜାରି କରିବା ପରେ ଯାଇ ଗ୍ରାମସଭା କରାଯିବା ଉଚିତ ବୋଲି ବୈଠକରେ ଉପସ୍ଥିତ ନେତା ଓ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଥିଲେ। ବୈଠକରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପଟ୍ଟାଙ୍ଗି ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ବିଡିଓ କରୁଣାକର ପ୍ରଧାନ, ତହସିଲଦାର ଡ. ଅରୁଣ ଖଣ୍ଡା, ଜିପିଇଓ ବସନ୍ତ ସାହୁ, ଜିଲା ପରିଷଦ ସଭ୍ୟ ଶୁକ୍ରା ଖରା, କଂଗ୍ରେସ ନେତା ନରସିଂହ ବେହେରା, କୋରାପୁଟିଆ ଜନ ସୁରକ୍ଷା ସଂଘର ଦାସି ନନ୍ଦବାଲି, ମାଳିପର୍ବତ ସୁରକ୍ଷା ସମିତିର ଦଶରଥ ଖିଲ, ପୂର୍ଣ୍ଣ ଜାନି ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ବୁଧବାର ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତରେ ଆୟୋଜିତ ଗ୍ରାମସଭାରେ ମଧ କିସମ ପରିବର୍ତ୍ତନ ଓ ଖଣି ଖନନ ନେଇ ସହମତି ହୋଇ ନଥିଲା।



ଗ୍ରାମସଭା ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅନ୍ୟମାନେ ।

# ଘରୋଇ ବସ୍ ଜବତ କଲା ପ୍ରଶାସନ

## ୨ ଲକ୍ଷ ୩୦ ହଜାର ଟଙ୍କା ଜରିମାନା

ଜୟପୁର,୨୦।୬(ନି.ପ୍ର.)

ବିପଦଜନକ ଭାବେ ଯାଉଥିବା ଏକ ଘରୋଇ ବସ୍‌କୁ ଚଢ଼ାଉ କରି ଜବତ କରିଛି ପ୍ରଶାସନ। କୋରାପୁଟ ଜିଲା ଦାମନଯୋଡ଼ିରୁ ଜୟପୁର ଆସୁଥିବା ବେଳେ ଏମ୍.ଏସ୍.ଏସ୍. ବସ୍‌ର ଡିଜେଲ ଟାଙ୍କିର ପାଇପ୍ କନେକ୍ସନ ଫାଟି ଯାଇଥିବାରୁ ବସ୍ ଭିତରେ ଏକ ପ୍ଲାଷ୍ଟିକ ବ୍ୟାରେଲରେ ଡିଜେଲ କନେକ୍ସନ ଦିଆଯାଇ ଚଳାଯାଉଥିଲା। ଏନେଇ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେକରି ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଜଣାଇଥିଲେ। ପରେ ତାଙ୍କ ନିର୍ଦ୍ଦେଶରେ ଏମ୍‌ଭିଆଇ ପି. ନାଗଭୂଷଣ ରାଓ ଚଢ଼ାଉ କରି ବସ୍ ଜବତ କରିବା ସହ ୨ ଲକ୍ଷ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏପରି ଗୋଟିଏ ନୁହେଁ, ଜିଲାରେ ଚାଲୁଥିବା ଅଧିକାଂଶ ବସ୍‌ରେ ଏପରି ବେପରୁଆ କାର୍ଯ୍ୟ ଚାଲିଛି। କାହାର ଫିଟନେସ ନାହିଁ ତ କାହାର ଲାଇସେନ୍ସ ନାହିଁ । କେତେକ ବସ୍ କିରୋସିନରେ ଚାଲୁଥିବା ମଧ୍ୟ ଅଭିଯୋଗ ହେଉଛି।

# ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର

ଜୟପୁର,୨୦।୬(ନି.ପ୍ର.)

ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନ୍ତର୍ଗତ ବର୍ଜ୍ୟବସ୍ତୁ ସୁପରିଚାଳନା ସମ୍ପର୍କରେ ଏକ ପୁନରାବୃତ୍ତି ପ୍ରଶିକ୍ଷଣ ଶିବିର ଜୟପୁର ପୌରପାଳିକା ଦ୍ୱାରା ଆୟୋଜନ କରାଯାଇଛି । ଗୁରୁବାରରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଡୁଡା ପ୍ରକଳ୍ପ ପ୍ରଶାସକ ଗୌରଚନ୍ଦ୍ର ପଟ୍ଟନାୟକ, କୋରାପୁଟ ପୌର ସ୍ୱାସ୍ଥ୍ୟ ଅଧିକାରୀ ଅନିଲ କୁମାର ସାହୁ, ପୌରଯନ୍ତ୍ରୀ ରେଣୁକା ଠାକୁର, ମୁଖ୍ୟ ସହାୟକ କୃଷ୍ଣଚନ୍ଦ୍ର ପାଳ ଉପସ୍ଥିତ ଥିଲେ। ସିଏମ୍ଏମ୍ୟୁ ମ୍ୟାନେଜର ବବିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ପରିମଳ ବିଶେଷଜ୍ଞ ଜି. ପ୍ରବିଣ କୁମାର ପ୍ରଶିକ୍ଷଣ ଦେଇଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ବୁଲା ବିକାଳି, ପୌର କର୍ମଚାରୀ, ବିଜୁ ଯୁବ ବାହିନୀ ଓ ଅନ୍ୟ ସଙ୍ଗଠନ ସଦସ୍ୟଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସଂପର୍କିତ ପ୍ରଶିକ୍ଷଣ ପୁନରାବୃତ୍ତି କରାଯାଇଥିଲା। ଏଥିରେ ୪ ଶହରୁ ଅଧିକ ଲୋକ ତାଲିମ ନେଇଥିବା ବେଳେ ସେମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା । ଗୋପାଳ ଚନ୍ଦ୍ର ସାହୁ, ରତି ବେହେରା, ସଂଗୀତା ସିଂ, ସସ୍ମିତା ବାରିକ, ମଧୁସ୍ମିତା ପ୍ରହରାଜ ସହଯୋଗ କରିଥିଲେ ।




ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ ।

# ଦକ୍ଷତା ବିକାଶ, କାର୍ଯ୍ୟାଳୟ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର ଉଦ୍‌ଯାପିତ

କୋରାପୁଟ,୨୦।୬(ସ୍ୱ.ପ୍ର)

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡାସ୍ଥିତ ସ୍ଥାୟୀ କ୍ୟାମ୍ପସରେ ଚାଲିଥିବା ଦକ୍ଷତା ବିକାଶ ଓ କାର୍ଯ୍ୟାଳୟ ପରିଚାଳନା ସମ୍ପର୍କିତ ଦୁଇଦିନିଆ ଆଲୋଚନାଚକ୍ର ଗୁରୁବାର ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଲିତ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆସାମ ତେଜପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଶୁଭ୍ରାଂଶୁ ଶେଖର ସରକାର, ତେଜପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡଃ ବିରେନ ଦାସ ସାଧନ କର୍ମୀ ଭାବେ ଯୋଗ ଦେଇଥିଲେ। ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀଙ୍କ ଦକ୍ଷତାର ବିକାଶ ନେଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେହିପରି କର୍ମଚାରୀଙ୍କ ବ୍ୟବହାର, ବିଶ୍ୱବିଦ୍ୟାଳୟର ନିୟମ ପାଳନ, ନୀତି ନିର୍ଦ୍ଧାରଣ, ସୁପ୍ରଶାସନ, ଗୁଣାତ୍ମକ ବିକାଶ ସମ୍ବନ୍ଧରେ ପ୍ରଶାସନିକ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳସଚିବ ଏ.କେ. ଦାସ, ଉପକୁଳସଚିବ ମାନସ କୁମାର ଦାସ, ବିତ ଅଧିକାରୀ କେ.କୋଶଲା ରାଓ, ଯୁଗ୍ମ ସଚିବ କେ.ଭି.ଉମା ମହେଶ୍ୱର ରାଓ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇଙ୍କ ସମେତ ବିଶ୍ୱବିଦ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

■ ଖସିଗଲା ଗଞ୍ଜେଇ ବୋଝେଇ ଗାଡ଼ି

# ପାଇଲଟ ଗାଡ଼ି ସହ ୨ ଗିରଫ

କୋରାପୁଟ,୨୦।୬(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅଧୀନ କୋଲାବ ଅଞ୍ଚଳରେ ଏକ ଗଞ୍ଜେଇ ବୋଝେଇ ଗାଡ଼ି ଯାଉଥିବା ପୋଲିସ ଖବର ପାଇଥିଲା। ପୋଲିସ ଗାଡ଼ିକୁ ଧରିବାକୁ ଛକି ବସିଥିବାବେଳେ ଖବର ପାଇ ଗଞ୍ଜେଇ ବୋଝେଇ ଗାଡି ରାସ୍ତା ବଦଳି ଚାଲି ଯାଇଥିଲା। ପୋଲିସ ଗଞ୍ଜେଇ ଗାଡ଼ିର ପାଇଲଟ ଗାଡିକୁ ଜବତ କରବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟାନନ୍ଦ ମିଶ୍ର, ପ୍ରତାପ କୁମାର ଦଳେଇ। ପ୍ରକାଶଯେ, ବୁଧବାର ଲମତାପୁଟ ଓ ଅନକାଡେଲି ଅଞ୍ଚଳରୁ ଏକ ଗଞ୍ଜେଇ ବୋଝେଇ ଗାଡ଼ି କୋଲାବ ବାଟଦେଇ ଯିବ ବୋଲି ସଦର ଥାନା ପୋଲିସ ଖବର ପାଇଥିଲା। ପୋଲିସ କୋରାପୁଟ-ଜୟପୁର ରାସ୍ତାର ହନୁମାନ ମନ୍ଦିର ଛକରେ ଜଗିଥିବା ନେଇ ଗଞ୍ଜେଇ ଭର୍ତ୍ତି ଗାଡିରେ ଥିବା ଡ୍ରାଇଭର ଖବର ପାଇଥିଲେ। ପରେ ଅନ୍ୟ ବାଟ ଦେଇ ଖସି ଯାଇଥିଲେ। ଗଞ୍ଜେଇ ଗାଡିର ପାଇଲଟ ଗାଡିକୁ ଜବତ କରି ଏଥିରେ ଥିବା ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ୫୮/୧୯ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ।

# ରଥଯାତ୍ରା ପରିଚାଳନା ଦାୟିତ୍ୱ ନେଉ ଦେବୋତ୍ତର ବିଭାଗ

■ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ମନ୍ଦିର ପରିଚାଳନା କମିଟି

ଜୟପୁର/କୁନ୍ଦୁରା, ୨୦।୬(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗଦେରୀ ଗ୍ରାମରେ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ ରଥଯାତ୍ରା କରାଯାଉଛି। ଏହାର ସୁପରିଚାଳନା ପାଇଁ ସମସ୍ତ କାର୍ଯ୍ୟ ଦେବତ୍ତୋର ବିଭାଗ ଓ ପ୍ରଶାସନ କରନ୍ତୁ ବୋଲି ପରିଚାଳନା କମିଟି ଗୁରୁବାର ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଏକ ଦାବିପତ୍ର ଦେଇଛି। ସେହିପରି ଜୟପୁର ମହାରାଜା ମନ୍ଦିର ପରିଚାଳନା ପାଇଁ ଏକ ଜମି ଗାଁର ଜଣେ ବ୍ୟକ୍ତିଙ୍କୁ ଦେଇଥିଲେ। ତାଙ୍କ ଉତ୍ତରାଧିକାରୀମାନେ ଉକ୍ତ ଜମିକୁ ବିକ୍ରି କରିବାକୁ ମସୁଧା କରୁଛନ୍ତି। ଏଥିପ୍ରତି ଦେବତ୍ତୋର ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଉପଜିଲାପାଳ ଦେବତ୍ତୋର ଦାୟିତ୍ୱରେ ଥିବା ଜୟପୁର ତହସିଲଦାର ବାଗଦେରୀ ଗାଁକୁ ଯାଇ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, କୋରାପୁଟ ଜିଲା କୁନ୍ଦୁରା ବ୍ଲକର ବାଗଦେରୀ ଗ୍ରାମରେ ଜୟପୁର ରାଜାରାଜୁଡା ସମୟରେ ଜଗନ୍ନାଥ ଏବଂ ରାଧାକୃଷ୍ଣ ମନ୍ଦିର ରହିଛି। ପରବର୍ତ୍ତୀ ଅବସ୍ଥାରେ ଏହାର ପରିଚାଳନା ଦାୟିତ୍ୱ ଦେବତ୍ତୋର ବିଭାଗକୁ ଆସିଥିଲା। ଦେବତ୍ତୋର ବିଭାଗ କିନ୍ତୁ ଏହି ଦାୟିତ୍ୱ ମନ୍ଦିରର ପରିଚାଳନା କମିଟିକୁ ଦେଇଛି। ରଥଯାତ୍ରା ପରିଚାଳନା ପାଇଁ ଦେବତ୍ତୋର ବିଭାଗ ମାତ୍ର ୧୧ଶହ ଟଙ୍କା ପରିଚାଳନା କମିଟିକୁ ପ୍ରଦାନ କରିଛି। କିନ୍ତୁ ଗୁଣ୍ଡିଚାରୁ ବାହୁଡା ପର୍ଯ୍ୟନ୍ତ ଏହାର ପରିଚାଳନା ନିମନ୍ତେ ୧ଲକ୍ଷ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଚଳିତ ରଥଯାତ୍ରାର ସୁପରିଚାଳନା ପାଇଁ ଏହି ଦାୟିତ୍ୱ ଦେବତ୍ତୋର ବିଭାଗ ଓ ପ୍ରଶାସନ ମିଳିତ ଭାବେ ନିଅନ୍ତୁ ବୋଲି ଗତ ୧୨ ତାରିଖରେ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ଗୁରବାର ଲିଖିତ ଭାବେ ପରିଚାଳନା କମିଟି ଜୟପୁର ଉପଜିଲାପାଳଙ୍କୁ ଜଣାଇଛି। ମନ୍ଦିର ଦ୍ୱୟର ପରିଚାଳନା ଏବଂ ସେବା ନିମନ୍ତେ ୧୮ଏକର୭୨ ଡିସିମିଲର ଏକ ଜମିକୁ ଜୟପୁର ମହାରାଜ ପ୍ରଦାନ କରିଥିଲେ। ଜମିର ରକ୍ଷଣାବେକ୍ଷଣ ଏବଂ ମନ୍ଦିରର ପରିଚାଳନା ନିମନ୍ତେ ଗ୍ରାମର ପରମାନନ୍ଦ ବେହେରାଙ୍କୁ ଦିଆଯାଇଥିଲା। ରାଜାରାଜୁଡା ସମୟରୁ ୨୦୧୭ ପର୍ଯ୍ୟନ୍ତ ଉକ୍ତ ମନ୍ଦିର ଜମିକୁ ରଇତ ମାଧ୍ୟମରେ ଚାଷ କରାଯାଉଥିଲା। ଫସଲ ବିକ୍ରି ଟଙ୍କାରେ ମନ୍ଦିର ପରିଚାଳନା କରାଯାଉଥିଲା। କିନ୍ତୁ ୨୦୧୮ରୁ ପରମାନନ୍ଦଙ୍କ ଦୁଇପୁଅ ଈଶ୍ୱର ଓ ଲକ୍ଷ୍ମଣ ବେହେରାଙ୍କ ନାମରେ ପଟ୍ଟା ପରିବର୍ତ୍ତନ କରାଯାଇଛି। ସେମାନେ ଏବେ ଏହି ଜମିକୁ ବିକ୍ରି କରିବାକୁ ମସୁଧା କରୁଛନ୍ତି। ତେଣୁ ପ୍ରଶାସନ ଏବଂ ଦେବତ୍ତୋର ବିଭାଗ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନବେଳେ କମିଟି ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ତ୍ରିଲୋଚନ ନାୟକ, ଉପସଭାପତି ଅଭିମନ୍ୟୁ ବିଶୋୟୀ, ସହ ସମ୍ପାଦକ ଶରତଚନ୍ଦ୍ର ଦାଶ, କୋଷାଧ୍ୟକ୍ଷ ଅଭିମନ୍ୟୁ ମହୁରିଆଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍: କ୍ଲାସିକ୍ ୧୧ ବିଜୟୀ



ଟୁର୍ନାମେଣ୍ଟର ପୁରସ୍କାର ବିତରଣ ସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ।

ଜୟପୁର,୨୦।୬(ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତର କୁନ୍ତରଖାଲଠାରେ ଏକ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଗୁରୁବାର ଏହାର ଫାଇନାଲ ମ୍ୟାଚ୍ ସମୀର ଇଲେଭେନ ଓ କ୍ଲାସିକ୍ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ଏଥିରେ କ୍ଲାସିକ ଇଲେଭେନ ବିଜୟୀ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବସନ୍ତ ନାୟକ, ପ୍ରତ୍ୟୁଷ ପଟ୍ଟନାୟକ, ବୁଟି ଖୋରା, ଗୁରୁ ହରିଜନ ଉପସ୍ଥିତ ଥିଲେ।

# ଅଡୁଆରେ ବାହାର ଜିଲାର ଶିକ୍ଷକ

ବୈପାରୀଗୁଡା, ୨୦।୬(ଡି.ଏନ୍.ଏ.)

**ଗ୍ରୀଷ୍ମ ଛୁଟିର ଖେଳ**

ଚଳିତ ବର୍ଷ ଖରାର ପ୍ରକୋପ ପାଇଁ ଗ୍ରୀଷ୍ମ ଛୁଟିର ଅବଧିକୁ ବାରମ୍ବାର ପରିବର୍ତ୍ତନ କରାଯାଇଛି। ଏହା ବାହାର ଜିଲାର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କୋରାପୁଟରେ ପହଞ୍ଚିବା ପାଇଁ ଏବେ ବସ୍ ଟିକେଟ୍ ମିଳିବା ଏକ ଜଟିଳ ସମସ୍ୟା। ତେଣୁ ଜିଲାର ଅନେକ ସ୍କୁଲ ଶୁକ୍ରବାର ଖୋଲିବ କି ନାହିଁ ତାହା ଏବେ ଆଶଙ୍କା ମଧ୍ୟରେ। ପ୍ରକାଶ ଯେ, ଆଦିବାସୀ ଅଧ୍ୟୁଷିତ କୋରାପୁଟରେ ଜିଲା ବାହାରର ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଗ୍ରୀଷ୍ମ ଛୁଟିର ଅବଧି ଲମ୍ବା ହୋଇ ଥିବାରୁ ସମସ୍ତେ ସପରିବାର ନିଜ ଜିଲାକୁ ଯାଇଥାନ୍ତି। ଚଳିତ ବର୍ଷ ଗ୍ରୀଷ୍ମ ଛୁଟି ୧୮ ତାରିଖ ପର୍ଯ୍ୟନ୍ତ ଥିଲା। କିନ୍ତୁ ଖରା ପ୍ରକୋପ ଅଧିକ ଥିବାରୁ ଏହାକୁ ୨୫ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିଲା। ତେବେ ଶିକ୍ଷକମାନେ ସେହିଦିନ ଆସିବା ପାଇଁ ଆଗୁଆ ଟିକେଟ୍ କରି ଦେଇଥିଲେ। ଛୁଟି ବଢିବା ସଂପର୍କରେ ଅବଗତ ନ ଥିବା ଶିକ୍ଷକମାନେ ବସ୍‌ରେ କୋରାପୁଟ ବାହାରି ପଡିଥିଲେ। ଆଉ କେତେକ ଟିକେଟ ବାତିଲ୍ କରିଥିଲେ ମଧ୍ୟ ବସ୍ ଭଡା ଫେରସ୍ତ ପାଇ ନ ଥିଲେ। ପୁଣି ଯେଉଁମାନେ ୧୯ରେ କୋରାପୁଟରେ ପହଞ୍ଚି ଥିଲେ ସେମାନଙ୍କ ମଧ୍ୟରୁ ଅନେକ ଛୁଟି ବଢିବା ଖବର ପାଇବା ପରେ ପୁଣି ବସ୍ ଟିକେଟ୍ କାଟି ଘରକୁ ବାହାରି ପଡିଥିଲେ। କିନ୍ତୁ ୨୦ରେ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ଆସିବାରୁ ସ୍କୁଲ ୨୧ ତାରିଖରେ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍କୁଲ ଖୋଲିବା ସୂଚନା ପାଇବା ପରେ ପୂର୍ବରୁ ଅପ୍ରସ୍ତୁତ ବହୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ୟା ବଢିଯାଇଛି। ଏବେ ସେମାନଙ୍କ ପାଇଁ ବସ୍ ଟିକେଟ୍ ମିଳିବା ଜଟିଳ ସମସ୍ୟା ହୋଇପଡିଛି। ଶୁକ୍ରବାର ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଏଠାରେ ପହଞ୍ଚିବା ସମ୍ଭାବନା କମ୍ ଥିବାରୁ ସମ୍ପୃକ୍ତ ବିଦ୍ୟାଳୟଗୁଡିକ ଖୋଲିବ କି ନାହିଁ ଆଶଙ୍କା ପ୍ରକାଶ ପାଇଛି।

